# Akashvani, Sambalpur

## SAMBALPURI NEWS EVENING BULLETIN

## 1 September 2025- 7.02 pm- 7.12 pm.

**********************************************

୧- ଶିକ୍ଷା ପ୍ରଣାଲୀର୍ ବିକାଶ୍‌ଥି କୃତ୍ରିମ୍ ବୁଦ୍ଧିମତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ, କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୨- ରାଏଜେ ୯ ଟା ମେଡିକାଲ୍ କଲେଜ୍ ଆଉ ଆୟୁସ୍ ଡିସ୍‌ପେନ୍ସାରୀ ନ କରାଯିବା ରୋଗୀମାନ୍‌ଙ୍କର ମାହାଲିଆ ସ୍ୱାସ୍ଥ୍ୟ ପରୀକ୍ଷା ।

୩- ପୁରୀ ଶ୍ରୀମନ୍ଦିର ନ ମୁଲ୍ ହେଲା ସ୍ତନ୍ୟପାନ କକ୍ଷ ।

ଆଉର୍

୪- ଇଗ୍ନୋ ପାଠ୍ୟକ୍ରମ୍‌ର ଜୁଲାଇ ୨୦୨୫ ଶିକ୍ଷା ବଛର୍ ନାଁଲେଖା ଲାଗି ବଢ୍‌ଲା ପଞ୍ଜିକରଣ ସମିଆ ।

ଦୀକ୍ଷା ୨.୦ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଏଜ୍ ନୂଆଦିଲ୍ଲୀଠାନେ ଏନସିଇଆର୍‌ଟିର ୬୫ ନମ୍ବର ପ୍ରତିଷ୍ଠା ଦିବସ୍ ଅବ୍‌ସରେ ଦିକ୍ଷା ୨.୦’ର ଶୁଭାରମ୍ଭ୍ କରିଛନ୍ । ଦିକ୍ଷା ୨.୦ ବ୍ୟବସ୍ଥା ହେଉଛେ ସମ୍ପୂର୍ଣ୍ଣ ପ୍ରତିକ୍ରିୟା ଶୀଲ୍ ଆଉ ଭିନ୍ ଭିନ୍ ଡିଜିଟାଲଇ ଡିଭାଇସ୍ ସଙ୍ଗେ ତାଲ୍ ଦେଇକରି ସୁସଙ୍ଗଠିତ୍ ପାଠପଢ଼ା, ଠିକ୍ ମୂଲ୍ୟାଙ୍କନ୍ ବାଗିର୍ କାମ୍‌ଥି ବେଭାର୍ କରାଯାଇପାରୁଥିବା ଏଆଇ ଉପକରଣ । ଇ ବ୍ୟବସ୍ଥା ୧୨ଟା ଭାଷାଥି ପାଠ୍ୟକ୍ରମ୍‌ର ଅନୁବାଦ୍ କର୍‌ବା । ଶିକ୍ଷା ପ୍ରଣାଲୀର୍ ବିକାଶ୍‌ଥି କୃତ୍ରିମ୍ ବୁଦ୍ଧିମତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ ଇ ଅବ୍‌ସରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍‌ଠାନୁ ୪ ଦିନିଆ ନୂଆଦିଲ୍ଲୀ ଗସ୍ତଥି ଯାଇଛନ୍ । ଗସ୍ତ ସମିଆଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦିଲ୍ଲୀ ନ ଆଏବାକାଏଲ୍ ହେବାର୍‌କେ ଥିବା ସେମିକନ୍ ସମ୍ମିଲନୀଥି ଯୋଗ୍ ଦେବେ ବଲି ଆମର୍ ସମ୍ବାଦଦାତା ସୂଚ୍‌ନା ଦେଇଛନ୍ । ଇ ମସିଆଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ରମନ୍ତ୍ରୀ ଆଉ ମନ୍ତ୍ରିମଣ୍ଡଲର୍ ଅନ୍ୟ ସଦସ୍ୟମାନ୍‌ଙ୍କୁ ଭେଟ୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ମୁଖ୍ୟମନ୍ତ୍ରୀ-ଶ୍ରୀମନ୍ଦିର ପରିଚାଲ୍ନା କମିଟି /ଭୁବନେଶ୍ୱର ସମ୍ବାଦାତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱର ଲୋକ ସେବା ଭବନ୍ଠାନେ ଆଏଜ୍ ପୁରୀ ଶ୍ରୀମନ୍ଦିରର୍ ପରିଚାଲ୍ନା କମିଟିର୍ ନୂଆ ସଦସ୍ୟମାନେ ଭେଟିଛନ୍ । ଇ ଅବ୍ସରେ ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଶ୍ରୀମନ୍ଦିରର୍ ନୀତକାନ୍ତି, ପୂଜା ପରବ୍ ଶୃଙ୍ଖଲିତ୍ ଭାବେ କର୍ବାର୍ ଉପ୍ରେ ଆଲୋଚନା କରିଛନ୍ । ପୁରୀକେ ଦେଶର୍ ସବୁନୁ ବଡ଼୍ ଧାର୍ମିକ୍ ଆଉ ପର୍ଯ୍ୟଟନ୍ ସ୍ଥଲ୍ ବନାବାର୍ ଲାଗି ସରକାରଙ୍କର୍ ତର୍ଫୁ ଜୋର୍ଦାର୍ ଚେରେଷ୍ଟା ଚାଲିଛେ ବଲି ମୁଖ୍ୟମନ୍ତ୍ରୀ ଇ ଅବ୍ସରେ କହିଛନ୍ ।

ଜିଡିପି ଅଭିବୃଦ୍ଧି ଏନ୍ଏସ୍ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର୍ ଅର୍ଥନୀତିକେ ଦକ୍ଷତାର୍ ସହେତେ ପରିଚାଲ୍ନା କରୁଛନ୍ ବଲି ସଂସଦୀୟ ବ୍ୟାପର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ । ନୂଆଦିଲ୍ଲୀ ନ ସାମ୍ବାଦିକ୍ମାନଙ୍କର ସଙ୍ଗେ ଆଲୋଚନା କରି କରି ଶ୍ରୀ ରିଜିଜୁ କହିଛନ୍, ମୋଟ୍ ଘରୋଇ ଉତ୍ପାଦ୍- ଜିଡିପି ଅଭିବୃଦ୍ଧି ୭ ଦଶମିକ୍ ୮ ବଢ଼୍ବାରଟା ପ୍ରଧାନମନ୍ତ୍ରୀଙ୍କର୍ ବର୍କସ୍

ନେତୃତ୍ୱର୍ ପ୍ରମାଣ ଆଏ । ପୁର୍‌ଥିର୍ ଆଗ୍‌ଧାଡ଼ିର୍ ଅର୍ଥନୀତିଜ୍ଞମାନେ ପ୍ରଧାନମନ୍ତ୍ରୀଙ୍କର୍ ଅର୍ଥନୀତି ପରିଚାଲ୍‌ନାକେ ବହୁତ୍ ପ୍ରଶଂସା କରିଛନ୍ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ ।

କ୍ୱାର୍ଡ ସହରାଂଚଲ୍ କାର୍ଯ୍ୟକ୍ରମ ଆର୍‌ଏନ୍‌ୟୁ/
ସମ୍ବଲପୁର/ ଏକ୍ସ

ରାଏଜେ କ୍ୱାର୍ଡ ସହରାଂଚଲ କାର୍ଯ୍ୟକ୍ରମ ଜରିଏ ୩ଟା ଅର୍ଥନୈତିକ୍ ଜୋନ୍ କରାଯିବା ବଲି ପରିବହନ ସଚିବ ଉଷା ପାଢ଼ୀ କହିଛନ୍ । ସେ କହିଛନ୍, ଭୁବନେଶ୍ୱର-ପୁରୀ-କଟକ-ପାରାଦ୍ୱୀପକେ ମିଶେଇକରି ପହେଲା ଜୋନ୍, ସୁନାବେଡ଼ା-କୋରାପୁଟ୍-ବରଗଡ଼-ସମ୍ବଲପୁରକେ ନେଇକରି ୨ ନମ୍ବର ଜୋନ୍ ଆଉ ରାଉରକେଲା-କେନ୍ଦୁଝର-ବଡ଼ବିଲ୍‌କେ ନେଇକରି ୩ ନମ୍ବର ଜୋନ୍ ତିଆର୍ କର୍‌ବାର୍‌କେ ସରକାର ଲକ୍ଷ୍ୟ ରଖିଛନ୍ । ରାଜ୍ୟର୍ ଜିଡିପି ଥି ମୁଖିଆ ଦାୟିତ୍ୱ ନଉଥିବା ସହରମାନ୍‌ଙ୍କୁ ନେଇକରି ଇ ଜୋନ୍ ତିଆର୍ କରାଯିବା ବଲି ଶ୍ରୀମତୀ ପାଢ଼ୀ କହିଛନ୍ ।
(ଭଏସ୍ ଓଭର-----ଉଷା ପାଢ଼ୀ)

ଭୁବନେଶ୍ୱର ସହରର୍ ବିକାଶ ହି.ସ.

ରାଜଧାନୀ ଭୁବନେଶ୍ୱରକେ ନୂଆ ରୂପ୍ ଦେବାର୍ ଲାଗି ଗୁଜରାଟର ଧୋଲେରା ସହର ଢାଂଚାଥି ବିକାଶ୍ କରାଯିବା ବଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ସେ କହିଛନ୍, ନୂଆ ଭୁବନେଶ୍ୱର ୮ ଶହ ଏକଡ଼ ଜାଗା ନ ମଳିପଡ଼ା, ଦାସପୁର, ଅନ୍ଧାରୁଆ, ଗୋଠପାଟଣା ଇଲାକାକେ ନେଇକରି ତିଆର୍ କରାଯିବା । ନୂଆ ସହର ନିର୍ମାଣ ଲାଗି ଡିଜାଇନ୍ ବନାବାର୍‌କେ ସିଙ୍ଗାପୁର ସରକାରଙ୍କୁ ଦାୟିତ୍ୱ ଦିଆଯାଇଛେ । ନୂଆ ସହର ନ ଆଇଟି ପାର୍କ, ମେଡିକାଲ ସୁବିଧା, ଲୁକ୍‌କର ଲାଗି ଘର୍, ବ୍ୟବସାୟିକ୍ ପ୍ରତିଷ୍ଠାନ୍ ଆଉ ଖୁଲା ଜାଗା ଭିଲ୍ ରହେବା । ସେ ଭିତ୍‌ରେ ଶିକ୍ଷ ସଂସ୍ଥାକେ ଭିଲ୍ ଗୁରୁତ୍ୱ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ ।

ଆମ୍ବୁଲେନ୍ସ ସେବା ଆର୍ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ରାଜ୍ୟର ୯ଟା ମେଡିକାଲ କଲେଜ୍ ଆଉ ଆୟୁଷ୍ ଡିସ୍‌ପେନ୍‌ସାରୀ ନ ରୋଗୀମାନ୍‌କର ସବୁ ରକ୍‌ମର୍ ସ୍ୱାସ୍ଥ୍ୟ ପରୀକ୍ଷା ମାହାଲିଆ କରାଯିବା ବଲି ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ । ସେନ୍ତା

ଖୋବ୍ ଜଲ୍ଦି ରାଏଜେ ୧୦୯ ଶବ ବାହକ୍ ଗାଡ଼ି ବ୍ୟବସ୍ଥା ଭିଲ୍ ମୁଲ୍ କରାଯିବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍.....
(ଭଏସ୍ ଓଭର-------ମୁକେଶ ମହାଲିଙ୍ଗ)

ଶ୍ରୀମନ୍ଦିର ସ୍ତନ୍ୟପାନ କକ୍ଷ      ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର ପରିସର ନ ଆଏଜ୍ଠାନୁ ସ୍ତନ୍ୟପାନ କକ୍ଷ କାର୍ଯ୍ୟକ୍ଷମ୍ କରାଯାଇଛେ । ଇ ବାବ୍ଦେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ସୂଚ୍ନା ଦେଇକରି କହିଛନ୍, ପୁରୀ ଶ୍ରୀମନ୍ଦିରକେ ଫି ଦିନ୍ ହଜାର ହଜାର ସଂଖ୍ୟାଥି ମହିଲା ଭକ୍ତ ଛୋଟ ଛୁଆମାନ୍ଙ୍କୁ ଧରି କରି ଦର୍ଶନ୍ ଲାଗି ଆସୁଛନ୍ । ସ୍ତନ୍ୟପାନ୍  ଉପ୍ରେ ନିର୍ଭର ରହୁଥିବା ଛୁଆ ଆଉ ସେମାନଙ୍କର ମା'ମାନକର ଆବଶ୍ୟକତାକେ ନଜର୍ ଥି ରଖିକରି ଶ୍ରୀମନ୍ଦିର ପରିସର ନ ସ୍ତନ୍ୟପାନ କକ୍ଷର୍ ବ୍ୟବସ୍ଥା କରାଯାଇଛେ ବଲି ଶ୍ରୀ ପାଢ଼ୀ କହିଛନ୍ ।

ଇଗ୍ନୋ ନାଁଲେଖା ସମିଆ ବଢ଼୍ଲା          ପିଆଇବି

ଇଗ୍ନୋ ପାଠ୍ୟକ୍ରମ୍‌ର ଜୁଲାଇ ୨୦୨୫ ଶିକ୍ଷା ବଛର୍ ଲାଗି ନାଁ ଲେଖାର ପଞ୍ଜିକରଣ ସମିଆକେ ସେପ୍ଟେମ୍ବର ୧୫ ତାରିଖ୍ ତକ୍ ବଢ଼ାଯାଇଛେ । ଫେର୍‌ଘାଏ ପଞ୍ଜିକରଣ ଲାଗି ଛାତ୍ରଛାତ୍ରୀମାନ୍‌ଙ୍କୁ ଅଏତ୍‌କା ୨ ଶହ ଟଙ୍କା ଫି ଦେବାର୍‌କେ ପଡ଼ବା । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ଲାଗି ଛାତ୍ରଛାତ୍ରୀ www.ignou.ac.in ଥି ଲଗ୍ ଇନ୍ କରିପାର୍‌ବେ ବଲି ଉଗ୍ନୋ କର୍ତଅପକ୍ଷଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଭସାଣୀ ଡିଜେ ମନା ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ଭୁବନେଶ୍ୱର ଦୁର୍ଗା ପୂଜା ଭସାଣୀ ଥି ଇ ବଛର୍ ଡିଜେ ବାଜା, ଲେଜର୍ ଲାଇଟ୍ ଆଉ ଫୁଟ୍‌ବା ଫୁଟାବାର୍ ଉପ୍‌ରେ କଟକଣା ଲଗାଯାଇଛେ । ଖାଲି ପାରମ୍ପରିକ୍ ବାଜା ବଜେଇକରି ଭସାଣୀ କରାଯିବା ବଲି ପୁଲିସ ସେବା ଭବନ୍‌ଠାନେ ଆଏଜ୍ ବସିଥିବା ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ଓଡ଼ିଶାଯାତ୍ରୀ ଆପ୍ I&PR

ଓଡ଼ିଶା ଯାତ୍ରୀ ଆପ୍‌ଥି ଏତ୍‌କର ଯାତ୍ରୀମାନେ ଆମ ବସ୍ ଆଉ ଚିଲିକା ବୋଟିଂ ଲାଗି ଭିଲ୍ ଟିକେଟ୍ କରିପାର୍‌ବେ ବଲି ଗୃହ ନିର୍ମାଣ ଆଉ ନଗର ଉନ୍ନୟନ ବିଭାଗ୍ ତର୍‌ଫୁ କୁହାଯାଇଛେ । ପର୍ଯ୍ୟଟକ ଆଉ ଯାତ୍ରୀମାନ୍‌କର ଅନୁଭବ୍‌କେ ଆହୁରି ଅଏତ୍‌କା ସୁଖଦ୍ ଆଉ ସହଜ୍ କର୍‌ବାର ଲାଗି ବିଭାଗ ତର୍‌ଫୁ ନୂଆ ସୁବିଧା ଓଡ଼ିଶା ଯାତ୍ରୀ ଆପ୍‌ଥି ସାମିଲ୍ କରାଯାଇଛେ ।

ଜାତୀୟ ପୁଷ୍ଟିକର ସପ୍ତାହ ଆର୍‌ଏନ୍‌ୟୁ/ କଟକ

ଜାତୀୟ ପୁଷ୍ଟିକର ସପ୍ତାହ ଆଏଜ୍‌ଠାନୁ ମୁଲ୍ ହେଇଛେ । ସୁସ୍ଥ ଜୀବନ୍‌ଶୈଳୀ ଲାଗି ଉତମ୍ ଖାଦ୍ୟ ଅଭ୍ୟାସ୍ ବାବ୍‌ଦେ ଜନସଚେତନ୍‌ତା ବଢ଼ାବାର୍‌ଟା ଇ ଦିବସ୍‌ର ମୁଖ୍ୟ ଉଦ୍ଦେଶ୍ୟ ଆଏ । ଆଏବା ରଏବାର ତକ୍ ହେବାର୍‌କେ ଥିବା ଇ ଅଭିଯାନ୍‌ଥି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା । ଇ ବଛର୍ ଜାତୀୟ ପୁଷ୍ଟିକର ଦିବସ୍‌ର ବିଷୟବସ୍ତୁ ରହିଛେ 'ଉତମ୍ ଜୀବନ୍ ଲାଗି ଉପଯୁକ୍ତ ଖାଦ୍ୟ' । ଭଲ୍ ସ୍ୱାସ୍ଥ୍ୟ ଆଉ ନିରାମୟ ଜୀବନ୍ ଲାଗି ସନ୍ତୁଳିତ୍ ଖାଦ୍ୟକେ ଇ ଅବ୍‌ସରେ ତହଁକାଯିବା ।

ବିଜେପି-ସେବା ପକ୍ଷ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍ ଦିନ୍ ଅବ୍‌ସରେ ଆଏବା ୧୭ ତାରିଖ୍‌ନୁ ନଭେମ୍ବର ୨ ତାରିଖ୍‌ତକ୍ ରାଜ୍ୟ ବିଜେପି ତର୍‌ଫୁ ସେବା ପକ୍ଷ ପାଳନ୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କର ଉପସ୍ଥିତିଥି ଭୁବନେଶ୍ୱର ବିଜେପି ରାଜ୍ୟ କାର୍ଯ୍ୟାଳୟ ନ ହେଇଥିବା ଦଲର୍ ରାଜ୍ୟସ୍ତରୀୟ କର୍ମଶାଳାଥି ଇ ବାବ୍‌ଦେ ନିଷ୍ପତି ନିଆଯାଇଛେ । ସେବା ପକ୍ଷ ଅବ୍‌ସରେ ସାରା ରାଏଜେ ଦଲ୍ ତର୍‌ଫୁ ସ୍ୱଚ୍ଛତା ଅଭିଯାନ୍, ରକ୍ତଦାନ ଶିବିର, ପ୍ରଧାନମନ୍ତ୍ରୀଙ୍କର୍ ଜୀବନ ଆଧାରିତ୍ ଫଟୋ ପ୍ରଦର୍ଶନୀ ଆଉ ବହି ବାଂଟବାର୍ କାର୍ଯ୍ୟକ୍ରମ୍‌ମାନ୍ କରାଯିବା ।

ଟିପିଡବ୍ଲ୍ୟୁଓଡିଏଲ୍ ପ୍ରତିବିଧାନ ପୀଠ      ସମ୍ବଲପୁର ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ତର୍‌ଫୁ ଇ ମାସର୍ ଉପଭୋକ୍ତାଙ୍କର୍ ବିଦ୍ୟୁତ୍ ବିଲ୍ ବାବଦ୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ଲାଗି ଖାସ୍ ପ୍ରତିବିଧାନ୍ ପୀଠର୍ ଆୟୋଜନ୍ କରାଯାଇଛେ । ସମ୍ବଲପୁର, ଝାରସୁଗୁଡ଼ା ଆଉ ଦେବଗଡ଼ ଜିଲ୍ଲା ନ ଥିବା

ଟିପିଡବ୍ଲ୍ୟୁଓଡିଏଲ୍‌ର ଭିନ୍ ଭିନ୍ ସେକ୍‌ସନ୍ ଆଉ ସବ୍‌ଡିଭିଜନ୍ କାର୍ଯ୍ୟାଳୟମାନ୍‌କେ ଇ ପୀଠ ହେବା । ଆଏବା ବୁଧବାର ଦିନ କୁଚିଣ୍ଡା ସବ୍‌ଡିଭିଜନ୍ କାର୍ଯ୍ୟାଳୟ ନ ଇ ଅଭିଯୋଗ୍ ପ୍ରତିବିଧାନ୍ କରାଯିବା । ସେନ୍ତା ୮ ତାରିଖ୍ ଭୁତାପଡ଼ା ସବ୍‌ଡିଭିଜନ୍ କାର୍ଯ୍ୟାଳୟ ଆଉ ଗୋଶାଲା ସେକ୍ସନ୍ କାର୍ଯ୍ୟାଳୟଠାନେ,୧୨ ତାରିଖ୍ ପଡ଼ିଆବାହାଲ ଆଉ ମାନେଶ୍ୱର କାର୍ଯ୍ୟାଳୟ ନ, ୧୬ ତାରିଖ୍ କ୍ଷେତରାଜପୁର ଆଉ ଅଇଁଠାପାଲି ସବ୍‌ଡିଭିଜନ୍ କାର୍ଯ୍ୟାଳୟ ନ, ୧୮ ତାରିଖ୍ ରେଙ୍ଗାଲି ସବ୍‌ଡିଭିଜନ୍ କାର୍ଯ୍ୟାଳୟ ନ ଇ ଖାସ୍ ପ୍ରତିବିଧାନ ପୀଠର୍ ଆୟୋଜନ୍ କରାଯିବା ବଲି ଆମର୍ ସମ୍ବାଦଦାତା ସୂଚ୍‌ନା ଦେଇଛନ୍ ।

ମିଲିତ୍ ଜନ ଅଭିଯୋଗ୍ ଶୁଣାଣି

ସମ୍ବଲ୍‌ପୁର/ବୌଦ୍ଧ/ବର୍‌ଗଡ଼୍/ଦେବଗଡ଼୍/ନୂଆପଡ଼ା/ସୁବର୍ଣ୍ଣପୁର

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍‌ମାନେ ମିଲିତ୍ ଜନ ଅଭିଯୋଗ୍ ଶୁଣାଣି କରିଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ଧନ୍‌କଉଡ଼ା ବ୍ଲକ୍ କାର୍ଯ୍ୟାଳୟ ଠାନେ ଜିଲ୍ଲା ପ୍ରଶାସନ୍‌ର ଜନ ଅଭିଯୋଗ୍ ଶୁଣାଣି ହେଇଯାଇଛେ । ଶିବିର୍‌ଥି ୩୭ ଟା ଅଭିଯୋଗ୍ ଆଗତ୍ ହେଇଥିଲା । ସେଥିର୍‌ଭିତ୍‌ରୁ ୨ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍

କରାଯାଇଥିଲା । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିନୁ ୫ନେ ହିତାଧିକାରୀଙ୍କୁ ସାହଜ୍ ଦିଆଯାଇଥିଲା । ୫ନେ ଦୃଷ୍ଟିହୀନଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜ୍‌ନାର ଭିନ୍ନକ୍ଷମ୍ ଭିତାଥି ସାମିଲ୍ କରାଯିବାର୍ ସହେତେ ଆଶାବାଡ଼ି ଦିଆଯାଇଥିଲା ।

ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୯୦ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୨୪ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ବର୍‌ଗଡ଼୍ ଜିଲ୍ଲା ଭଟ୍‌ଲି ପଂଚାୟତ୍ ସମିତି ସମ୍ମିଲନୀ କାର୍ଯ୍ୟାଳୟ ଠାନେ ହେଇଥିବା ଜନଅଭିଯୋଗ୍ ଶୁଣାଣି ଶିବିର୍‌ଥି ୫୨ ଟା ଅଭିଯୋଗ୍ ଆସିଥିଲା ।

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର ବିକାଶ ଭବନ ସମ୍ମିଲନୀ କକ୍ଷ ନ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୨୮ ଟା ଅଭିଯୋଗ୍ ଆସିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ସଦର ବ୍ଲକ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ଶହେ ୪୮ ଟା ଅଭିଯୋଗ୍ ଆସିଥିଲା ।

ନୂଆପଡ଼ା ଜିଲ୍ଲା ସଦର ବ୍ଲକ୍ ସଦ୍‌ଭାବନା ଗୃହ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୬୪ଟା ଅଭିଯୋଗ୍ ଆଗତ୍ ହେଇଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଦକ୍ଷତା ବିକାଶ କେନ୍ଦ୍ର     ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ଜିଲ୍ଲା ଦକ୍ଷତା ବିକାଶ କେନ୍ଦ୍ର ନ ଆଏଜ୍ ୟୁନିଫର୍ମ ଆଉ ପାଠ୍ପଢ଼ା ବହି ବଂଟାଯାଇଛେ । କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍ଙ୍କୁ ବହି ଆଉ ୟୁନିଫର୍ମ ବାଂଟିଛନ୍ । କାର୍ଯ୍ୟକ୍ରମଥି ଜିଲ୍ଲା ଦକ୍ଷତା ବିକାଶ ଆଉ ନିୟୋଜନ ଅଧିକାରୀ ଶ୍ରୀମତୀ କେ. ରୋଜା ଦୋରାଙ୍କର୍ ସହେତେ ଅଲ୍ଗାମାନେ ଉପସ୍ଥିତ ଥିଲେ ।